## ନାବାଳିକା ଅପହରଣ ଅଭିଯୋଗ

ବୈଶିଙ୍ଗା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳର ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ପଡ଼ୋଶୀ ସେକ ମୁସ୍ତାକ(୩୪) ଅପହରଣ କରି ନେଇଥିବା ନାବାଳିକାଙ୍କ ମାଆ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୧୧୯/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ବିବାହିତ ହୋଇଥିବା ବେଳେ ତାଙ୍କର ପୁଅଟିଏ ମଧ ରହିଛି।

## ସଂକ୍ଷେପରେ

### ଗଙ୍ଗାମାତା ମନ୍ଦିରରୁ ଚୋରି, ୨ ଗିରଫ

ପଦ୍ମପୁର,୨୯।୩(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ଗଙ୍ଗାମାତା ମନ୍ଦିରରୁ ଚୋରି ଅଭିଯୋଗରେ ସାମୁଦ୍ରିକ ଥାନା ପୋଲିସ ଦୁଇଜଣଙ୍କୁ ବୁଧବାର ଅପରାହ୍ନରେ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର କାଳିଆ ସବର ଓ ମୁକେଶ ଶବର।

ସୂଚନା ଅନୁଯାୟୀ, ଦୁଇଜଣ ବୁଧବାର ଭୋର ସମୟରେ ଗଙ୍ଗାମାତା ମନ୍ଦିରରୁ ମୁଖ୍ୟ ଫାଟକ ଭାଙ୍ଗି ଠାକୁରଙ୍କ ଗହଣା ଚୋରି କରିଥିଲେ। ଏନେଇ ପୂଜକ ବୈକୁଣ୍ଠ ଦ୍ୱିବେଦୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମନ୍ଦିର ପାଖରେ ଥିବା ମଣ୍ଟୁ ବାଇନଙ୍କ ଘରୁ ମଧ ଗହଣା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏସ୍‌ଆଇ ଧୃତରାଷ୍ଟ୍ର ମଲ୍ଲିକ ଓ ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ର ଦୁଇଟି ଟିମ୍ ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। କଷିଆ ବଜାରରେ ବୁଲୁଥିବା ବେଳେ ପୋଲିସ ଦୁଇଜଣଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ମାମଲା (ନଂ.୨୯/୨୩) ରୁଜୁ ହୋଇଛି। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ।

### ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ ଉତ୍ସବ

ରୂପସା, ୨୯।୩(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଅଧୀନ ଶ୍ରୀରାମପୁର ସତ୍‌ସଙ୍ଗ ବିହାର ପରିସରରେ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସତ୍‌ସଙ୍ଗ ଉତ୍ସବ ପାଳିତ ହୋଇଯାଇଛି। ପୂର୍ବତନ ଅଧକ୍ଷ ଡ. ଅମରେନ୍ଦ୍ର ଲାଲ ଦତ୍ତ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ସ୍ୱରୂପ କୁମାର ଦାସ, ମୁଖ୍ୟବକ୍ତା କେଦାରନାଥ ମହାନ୍ତି, ସମ୍ମାନିତ ଅତିଥି ରତିକ ସଞ୍ଜୟ କୁମାର ପାତ୍ର, ନରେନ୍ଦ୍ର କୁମାର ନାୟକ, ପୂର୍ବତନ ଅଧାପକ ଗୋବିନ୍ଦ ଚନ୍ଦ୍ର ମାଝି, ମୃତ୍ୟୁଞ୍ଜୟ ପୁହାଣ ପ୍ରମୁଖ ମଞ୍ଚାସୀନ ହୋଇ ଠାକୁରଙ୍କ ଜୀବନଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସତ୍‌ସଙ୍ଗ ବିହାର ପରିଚାଳକ ନିତ୍ୟାନନ୍ଦ ସାହୁ ସ୍ୱାଗତଭାଷଣ ଓ ସମ୍ପାଦକ ଶିବପ୍ରସାଦ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ସଂଗୀତାଞ୍ଜଳି, ନଗର କୀର୍ତ୍ତନ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

### ଶରତକୁ ବ୍ଲକ ମାନ୍ୟତା ନେଇ ଦାବିପତ୍ର

ବାରିପଦା ଅଫିସ,୨୯।୩- ମୟୂରଭଞ୍ଜ ଜଲା କପ୍ତିପଦା ଉପଖଣ୍ଡର ଶରତ ଅଞ୍ଚଳକୁ ବ୍ଲକ ମାନ୍ୟତା ନେଇ ଦାବି ଜୋର ଧରିଛି। ଶରତ ବିକାଶ ମଞ୍ଚ ପକ୍ଷରୁ ୬ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଗଣେଶୀ ଲାଲ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଏହି ଅଞ୍ଚଳରେ ଶରତ, ରାଣୀପୋଖରୀ, ଦେଓ୍ୱାନବାହାଲୀ, ସରଡିହା, ନୋଟ, ଲାବଣ୍ୟଦେଈପୁର, କଳମଗଡ଼ିଆ, ରାମଚନ୍ଦ୍ରପୁର ଓ ପଦ୍ମପୋଖରୀ ପଞ୍ଚାୟତ ରହିଛି। ଏହିସବୁ ପଞ୍ଚାୟତକୁ ନେଇ ଶରତ ବ୍ଲକ ଗଠନ ପାଇଁ ବାରମ୍ବାର ଦାବି ହୋଇ ଆସୁଛି। ଅନ୍ୟ ଦାବିଗୁଡ଼ିକ ମଧରେ ଶରତରେ ଜେଏମ୍‌ଏଫସି କୋର୍ଟ ପ୍ରତିଷ୍ଠା, ଶରତ ଯୁକ୍ତ ଦୁଇ ମହାବିଦ୍ୟାଳୟକୁ ଯୁକ୍ତ ୩ ମହାବିଦ୍ୟାଳୟର ମାନ୍ୟତା, ଶରତରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା, ତହସିଲ କାର୍ଯ୍ୟାଳୟ ଓ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା ଏବଂ ଶରତକୁ ଗୋଷ୍ଠୀସାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପ୍ରମୁଖ ରହିଛି। ଏହି କାର୍ଯ୍ୟକ୍ରମରେ ସଭାପତି ଗାମାଏ ଟିମିଲି ଗଇପାଇ, ସାଧାରଣ ସମ୍ପାଦକ କୁସୁନୁ ସିଂ ଗିଲୁଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିନା ଡାକ୍ତରରେ ଚାଲିଛି ୫ ସ୍ୱାସ୍ଥ୍ୟକେନ୍ଦ୍ର

## ହାଟଡ଼ିହୀ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

- ରୋଗୀଙ୍କୁ ଦେଖୁଛନ୍ତି ତଳିଆ କର୍ମଚାରୀ
- ଭଦ୍ରକ ଜିଲା ଉପରେ ନିର୍ଭର କରୁଛନ୍ତି

କେନ୍ଦୁଝର,୨୯।୩(ସ୍ୱ.ପ୍ର.)

ଖଣିଖାଦାନ ଭରା କେନ୍ଦୁଝର ଜିଲାର ହାଟଡ଼ିହୀ ବ୍ଲକ୍‌ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବ୍ଲକ୍‌ରେ ଥିବା ୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନା ଡାକ୍ତରରେ ଚାଲିଛି। ଏଥିସହ ଶାଳନୀୟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସମେତ ୧୪ କର୍ମଚାରୀ ପଦବୀ ଖାଲିପଡ଼ିଛି। ତଳିଆ କର୍ମଚାରୀ ରୋଗୀଙ୍କୁ ଦେଖୁଥିବା ସୂଚନା ଅଧିକାର ଆଇନ୍‌ରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ହାଟଡ଼ିହୀ ଓ ହଦଗଡ଼ ଏରିଆ ହସ୍ପିଟାଲ ଓ ସୁନ୍ଦରାପାଳ, ଟୁକୁଣା, ସୋସୋ, ଓରାଳି, ମୁଗୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ଜରି, ଶିଶୁ, ମେଡିସିନ ବିଶେଷଜ୍ଞ ଡାକ୍ତରଙ୍କ ସମେତ ୧୪ କର୍ମଚାରୀ ନାହାନ୍ତି। ସେହିପରି ସୁନ୍ଦରାପାଳ ଓ ସୋସୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟତୀତ ହାଟଡ଼ିହୀ ଏରିଆ ହସ୍ପିଟାଲ, ହଦଗଡ଼ ଏରିଆ ହସ୍ପିଟାଲ, ମୁଗୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଓରାଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଟୁକୁଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବିନା ଡାକ୍ତରରେ ଚାଲିଥିବା ଜଣାପଡ଼ିଛି। ଅର୍ଥାତ୍ ଏଠାରେ ତଳିଆ କର୍ମଚାରୀମାନେ ଡାକ୍ତରଖାନା ଚଳାଉଛନ୍ତି। ଅନ୍ୟାନ୍ୟ କର୍ମଚାରୀ, ଉପଯୁକ୍ତ ଭିତ୍ତିଭୂମି ମଧ ନାହିଁ।

ଡାକ୍ତର ଓ କର୍ମଚାରୀ ଅଭାବରୁ ରୋଗୀମାନେ ଦୂରଦୂରାନ୍ତରୁ ଆସି ସେବାରୁ ବଞ୍ଚିତ ହେଉଛନ୍ତି। ବାଧ ହୋଇ ପଡ଼ୋଶୀ ଭଦ୍ରକ ଜିଲା ଉପରେ ନିର୍ଭର କରୁଛନ୍ତି। ଅନେକ ସମୟରେ ଗରିବ ଲୋକମାନେ ଘରୋଇ ଚିକିତ୍ସାଳୟକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କୃଷ୍ଣ ପୃଷ୍ଟି କହିଛନ୍ତି, ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ଅଭାବ ନେଇ ସ୍ୱାସ୍ଥ୍ୟ ବିଭାଗକୁ ଅବଗତି କରାଯାଇଛି। ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସୂଚନା ଅଧିକାର କର୍ମୀ ହିମାଂଶୁ ଶେଖର ନାୟକ କହିଛନ୍ତି।



ଶୁଳିନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

# ସମବାୟ ବ୍ୟାଙ୍କ ସେବା, ଋଣ କର୍ମଶାଳା

କୁଳିଅଣା/ବୈଶିଙ୍ଗା/ବାଙ୍ଗିରିପୋଷି, ୨୯।୩(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କୁଳିଅଣା ସମବାୟ ବ୍ୟାଙ୍କ ସେବା ଓ ଋଣ ସମ୍ପର୍କୀତ କର୍ମଶାଳା କୁଳିଅଣା ଲ୍ୟାମ୍ପସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଶରତଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଆୟୋଜିତ କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ କୁଳିଅଣା ତହସିଲଦାର ଉମେଶ ଚନ୍ଦ୍ର ଓଝା ଉଦ୍‌ଘାଟନ କରିଥିଲେ। ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ମାନସ ରଞ୍ଜନ ଧୀର, ବାରିପଦା ସରକାରୀ ଉପନିବନ୍ଧକ ସମବାୟ ନିରୀକ୍ଷକ ନିବେଦିତା ନାୟକ, କୁଳିଅଣା ବି.ଭି.ଓ. ରାମ ମହାନ୍ତି, ବରିଷ୍ଠ କୋ ଅପରେଟିଭ ପର୍ସନ ସୁଧାଂଶୁ ପାଣିଗ୍ରାହୀ, ପରିଚାଳନା ନିର୍ଦ୍ଦେଶକ ଆନନ୍ଦ ଶଙ୍କର ଦେ, ଶାଖା ପରିଚାଳକ ପ୍ରଶାନ୍ତ କୁମାର ନାଏକଙ୍କ ସମେତ ଲ୍ୟାମ୍ପସର ସଭ୍ୟା, ସଭ୍ୟ ଉପସ୍ଥିତ ଥିଲେ।

ବୈଶିଙ୍ଗା ଲ୍ୟାମ୍ପସ ପରିସରରେ ସମବାୟ ବ୍ୟାଙ୍କ ସେବା ଓ ଋଣ ସମ୍ପର୍କୀତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ଶତାଧିକ ଚାଷୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ସମବାୟ ସମିତି ସମୂହର ଆଡିସନାଲ ରେଜିଷ୍ଟ୍ରାର ବାଦଲ କୁମାର ସାହାଣୀ, ସମ୍ମାନିତ ଅତିଥି ସହକାରୀ ରେଜିଷ୍ଟ୍ରାର ବିଷ୍ଣୁ ମୋହନ ମଲ୍ଲିକ, ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସ୍ୱୟଂପ୍ରକାଶ ନାୟକ, ବରିଷ୍ଠ ନାଗରିକ ସଂଘ ସଭାପତି ଚୂଡ଼ାମଣି ମହାପାତ୍ର, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅଭିନ୍ନ ସୁନ୍ଦର ପାତ୍ର , ୩୭ ନଂ. ଜିଲା ପରିଷଦ ସଭ୍ୟା ଧାନୀ କିସ୍କୁ ଯୋଗ ଦେଇଥିଲେ। ସଭାପତିତ୍ୱ କରିଥିଲେ ଲ୍ୟାମ୍ପସ ପରିଚାଳନା କମିଟିର ସଭାପତି ଶତ୍ରୁଘ୍ନ ସିଂ। ସଭା ପରିଚାଳନା କରିଥିଲେ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ଅଭିରାମ ପାଣି। ଧନ୍ୟବାଦ ଅର୍ପଣ କରିଥିଲେ ବୈଶିଙ୍ଗା ଲ୍ୟାମ୍ପସ ପରିଚାଳନା କମିଟି ସଦସ୍ୟ ରବିନାରାୟଣ ପଣ୍ଡା। ସେହିପରି ବାଙ୍ଗିରିପୋଷି ଓ ଭୁଆଶୁଣି ଲ୍ୟାମ୍ପସ ପକ୍ଷରୁ ସ୍ଥାନୀୟ ଷ୍ଟେଶନ ପଡ଼ିଆଠାରେ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାଙ୍ଗିରିପୋଷି ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଅମିତ କୁମାର ଗିରି ଓ ଭୁଆଶୁଣି ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଯଦୁନାଥ ମୁର୍ମୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମବାୟ ସମିତିର ଉପନିବନ୍ଧକ କୃଷ୍ଣଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ମଢେଇ,ସହକାରୀ ନିବନ୍ଧକ ବାଦଲ କୁମାର ସାହାଣୀ,ବାଙ୍ଗିରିପୋଷି ଲ୍ୟାମ୍ପସ ସଭାପତି ବଙ୍କିମ ବିଜୁଳି ଏବଂ ଭୁଆଶୁଣୀ ଲ୍ୟାମ୍ପସ ସଭାପତି ଲକ୍ଷ୍ମୀଧର ନାଏକ ଯୋଗ ଦେଇଥିଲେ।

# ମଦଭାଟି ଉଚ୍ଛେଦ ଦାବିରେ ମହିଳାଙ୍କ ବିକ୍ଷୋଭ


ଭାଟି ସମ୍ମୁଖରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ବସିଛନ୍ତି।

## ରାସ୍ତାରୋକୋ ଚେତାବନୀ

ପାଟଣା,୨୯।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ପଞ୍ଚାୟତ ହାତୀବାରି ମୌଜାର କାଜୁ ଜଙ୍ଗଲ ଭିତରେ ଥିବା ସରକାରୀ ସ୍ୱୀକୃତି ପ୍ରାପ୍ତ ମଦ ଭାଟିକୁ ଉଚ୍ଛେଦ ଦାବି ହୋଇଛି। ବୁଧବାର ଅପରାହ୍ନରେ ହାତୀବାରୀ ଗ୍ରାମର ୧୬ ଟି ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳାମାନେ ଏକତ୍ରିତ ହୋଇ ବିକ୍ଷୋଭ କରିଥିଲେ। ଠେଙ୍ଗା ବାଡ଼ି ଧରି ମଦ ଭାଟିକୁ ଘେରିବା ସହ ଭାଟି ସମ୍ମୁଖରେ ଧାରଣା ଦେଇ ନାରାବାଜି କରିଥିଲେ। ମହିଳାଙ୍କୁ ଦେଖି ଭାଟି କର୍ମଚାରୀମାନେ କବାଟ ତାଲା ପକାଇ ଫେରାର ହୋଇଯାଇଥିଲେ। ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ, ଏଠାରେ ଥିବା ଭାଟିରୁ ଗ୍ରାମର ଯୁବକ ଓ ଘରର ମୁରବୀମାନେ ମଦ ପିଇ ଘରେ ଗଣ୍ଡଗୋଳ କରୁଛନ୍ତି। ଫଳରେ ମହିଳାମାନେ ପିଲା ଛୁଆଙ୍କୁ ଧରି ଗୁଜୁରାଣ ମେଣ୍ଟାଇବାରେ ନାନା ହଇରାଣ ହେଉଛନ୍ତି। ଗ୍ରାମର ବିଧବା ମହିଳା କମଳା ନାଏକ ଏଇ ମଦ ଭାଟି ତାଙ୍କ ସଂସାର ଉଜାଡ଼ି ଦେଇଛି ବୋଲି କହିଥିଲେ। ଖବର ପାଇ ତୁରୁମୁଙ୍ଗା ପୋଲିସ ପହଞ୍ଚି ବୁଝାସୁଝା କରିଥିଲେ ମଧ ମହିଳାମାନେ ଜିଦ୍‌ରେ ଅଟଳ ରହିଛନ୍ତି। ଭାଟି ସ୍ଥାନାନ୍ତର ନ ହେଲେ ଆଗକୁ ରାଜରାସ୍ତା ଅବରୋଧ କରିବେ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

# ପଞ୍ଚମୁଖୀ ହନୁମାନ ମନ୍ଦିର ବାର୍ଷିକୋତ୍ସବ

ବାସୁଦେବପୁର, ୨୯।୩(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସହର ନିକଟବର୍ତ୍ତୀ ବାଲିନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରର ୧୪ତମ ବାର୍ଷିକୋତ୍ସବ ସହ କଳସ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଶ୍ରୀରାମ ଓ ହନୁମାନଙ୍କ ଭକ୍ତ ପ୍ରଭୁ ଶ୍ରୀରାମ, ହନୁମାନ, ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିମୂର୍ତ୍ତିକୁ ଶୋଭାଯାତ୍ରାରେ ନେଇ ସହର ପରିକ୍ରମା କରିଥିଲେ। ବାଲିନଗର ଯାଦବ ପଡ଼ିଆରୁ ବିଶାଳ ଶୋଭାଯାତ୍ରା ବାହାରି ସହର ମଧ ଦେଇ ବିଦ୍ୟୁତ୍ ମାର୍ଗ ପର୍ଯ୍ୟନ୍ତ ଯାଇ ସେଠାରୁ ମନ୍ଦିର ଅଭିମୁଖେ ଫେରିଥିଲା। କଳସ ଶୋଭାଯାତ୍ରାରେ ରାମଚନ୍ଦ୍ର ଓ ହନୁମାନଙ୍କ ଧ୍ୱନିରେ ସାରା ସହର ପ୍ରକମ୍ପିତ ହୋଇଥିଲା। ବିନାୟକପୁର, ଗୁଆଗଡ଼ିଆ, ବେତଡ଼ା, ଚାନ୍ଦିମାଳ ଓ ମନ୍ଦାରୀ ଅଞ୍ଚଳର ଠାକୁରଙ୍କ ମେଢ଼ ଆସିଥିଲା।

# ବିଶ୍ୱ ନାଟ୍ୟ ଦିବସ

ଗୋପବନ୍ଧୁ ନଗର,୨୯।୩(ଡି.ଏନ.ଏ.)

ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ସିକିଡିଆଠାରେ ମୟୂର ଆର୍ଟିଷ୍ଟ ଆସୋସିଏସନ ସାର୍ବଜନୀନ କଳା ଶିକ୍ଷା ଅଭିଯାନ ପ୍ଲାଟଫର୍ମ ଆମେ କଳାକାର ଆମ ଓ ଆନୁକୂଲ୍ୟରେ ମାଆ କଳା ବିକାଶ ପରିଷଦ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ପରିଷଦର ସଭାପତି ଜ୍ୟୋତିରଞ୍ଜନ କରୁଆଳ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବ ନାଟ୍ୟକାର ମନୋରଞ୍ଜନ ଦାଶ, ମୁଖ୍ୟ ବକ୍ତା ମାଆ କଳା ବିକାଶ ପରିଷଦର ଅଧକ୍ଷ କୃଷ୍ଣଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଅଶୋକ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପରିଷଦର ସମ୍ପାଦକ ସୁକୁମାର ଗନ୍ତାୟତ ସଞ୍ଚାଳନ କରିଥିଲେ। ଏହି ଅବସରରେ ଅଭିନୟ, ନୃତ୍ୟ, ସଂଗୀତ, ଚିତ୍ରକଳା ପ୍ରତିଯୋଗିତାରେ ପାରଦର୍ଶିତା ଦେଖାଇ ଥିବା ମୋଟ ୧୫ଜଣ ଶିଶୁ ଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ କୁନି କୁନି ପିଲାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୨୪ କୁଣ୍ଡୀୟ ମହାଯଜ୍ଞ ଆରମ୍ଭ


ମହାଯଜ୍ଞରେ ଯୋଗଦେଇଥିବା ମହିଳା ଶ୍ରଦ୍ଧାଳୁ।

## ଜିଲା ଗାୟତ୍ରୀ ଶକ୍ତିପୀଠର ବାର୍ଷିକ ଉତ୍ସବ

ବାଲେଶ୍ୱର ଅଫିସ, ୨୯।୩

ବାଲେଶ୍ୱର ସହର ଅଙ୍ଗାରଗଡ଼ଆସ୍ଥିତ ଜିଲା ଗାୟତ୍ରୀ ଶକ୍ତିପୀଠର ବାର୍ଷିକ ଉତ୍ସବ ଅବସରରେ ମଙ୍ଗଳବାର ୨୪କୁଣ୍ଡୀୟ ମହାଯଜ୍ଞ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଗାୟତ୍ରୀ ପରିବାରର ସଦସ୍ୟାମାନଙ୍କ ଦ୍ୱାରା ୧୦୮କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସଦସ୍ୟାମାନେ ଶୋଭାଯାତ୍ରାରେ ସହର ପରିକ୍ରମା ସହ ଗାୟତ୍ରୀ ଶକ୍ତିପୀଠରେ କଳସ ସ୍ଥାପନ କରିଥିଲେ। ହରିଦ୍ୱାରସ୍ଥିତ ଗାୟତ୍ରୀ ପରିବାରର ମୁଖ୍ୟକେନ୍ଦ୍ର ଶାନ୍ତିକୁଞ୍ଜରୁ ଆସିଥିବା ରାଜକୁମାର ଭୃଗୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭଜନକୀର୍ତ୍ତନ ମଧରେ ମହିଳାମାନେ କଳସ ସ୍ଥାପନ କରିଥିଲେ। ଏଥିରେ ଶାନ୍ତିକୁଞ୍ଜର ଅନ୍ୟାନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ପରେ ରାଜକୁମାର ଭୃଗୁ ମହାଯଜ୍ଞର ମାହାତ୍ମ୍ୟ ସମ୍ପର୍କରେ ପ୍ରବଚନ ଦେଇଥିଲେ। ଶକ୍ତିପୀଠର ୩ଦିନିଆ ବାର୍ଷିକ ଉତ୍ସବର ପ୍ରଥମ ଦିନର କଳସ ସ୍ଥାପନ ପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପିଲାଙ୍କ ମଧରେ ନୃତ୍ୟ, ସଙ୍ଗୀତ, ମନ୍ତ୍ରୋଚାରଣ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିବସର ପ୍ରାତଃ କାଳରେ ୨୪ଟି କୁଣ୍ଡରେ ଘୃତଯଜ୍ଞ ଆରମ୍ଭ ହେବ ବୋଲି ଶକ୍ତିପୀଠର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ରାମନବମୀ ତିଥିରେ ନାନାବିଧ ସଂସ୍କାର କର୍ମକାଣ୍ଡ ଦ୍ୱାରା ମହାଯଜ୍ଞରେ ପୂର୍ଣ୍ଣାହୂତି ସହ ଦୀପଯଜ୍ଞ ମାଧମରେ ଉଦ୍‌ଯାପିତ ହେବ। ବାଲେଶ୍ୱର ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି ସୁକାନ୍ତି ରଥ, ରେଖାରାଣୀ ଦାସ, ରେବତୀ ବେହେରା, ଶକୁନ୍ତଳା ଜେନା, ଜ୍ୟୋସ୍ନାରାଣୀ ପଣ୍ଡା, ଅର୍ଚ୍ଚନା ମହାନ୍ତି, ପୁଷ୍ପା ସାହୁ, କୁନମୁନୀ ସେଠୀ, ସଞ୍ଜୁବାଳା ସ, ମଞ୍ଜୁରାଣୀ ମହାପାତ୍ର, ମନସ୍ୱିନୀ ମାହାପାତ୍ର, ସସ୍ମିତା ପ୍ରଧାନ ଓ ଶ୍ରଦ୍ଧାଞ୍ଜଳି ବରାଳ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

# ରାମନବମୀ ପାଇଁ ପୋଲିସର ଫ୍ଲାଗମାର୍ଚ୍ଚ

ଯୋଡ଼ା/ଚମ୍ପୁଆ,୨୯।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଓ ଚମ୍ପୁଆରେ ରାମନବମୀ ନିମନ୍ତେ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଗତବର୍ଷ ରାମନବମୀରେ ରାମ ଝଣ୍ଡା ସ୍ଥାପନକୁ କେନ୍ଦ୍ର କରି ଯୋଡ଼ାରେ ସାମ୍ପ୍ରଦାୟିକ ହିଂସା ଘଟିଥିଲା। ଏହାକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ନିମନ୍ତେ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି। ପୂର୍ବରୁ ବିଭିନ୍ନ ସମ୍ପ୍ରଦାୟର ମୁରବିଙ୍କୁ ନେଇ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଥିଲା। ଫ୍ଲାଗମାର୍ଚ୍ଚ ଯୋଡ଼ା ଥାନାଠାରୁ ବାହାରି ଯୋଡ଼ା ସିନେମା ହଲ ଛକ, କୁନ୍ଦୁରୁନାଲା, ଯୋଡ଼ା ମାର୍କେଟ ସହ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲ।

ସେହିପରି ଚମ୍ପୁଆ ସହରରେ ଶାନ୍ତି ଶୃଙ୍ଖଳାର ସହ ରାମନବମୀ ପାଳନ ପାଇଁ ଏସ୍‌ଡିପିଓ ରାମରାୟ ମୁର୍ମୁ ଓ ଥାନା ଅଧିକାରୀ ଗଗନ ବିହାରୀ ନାଏକଙ୍କ ନିର୍ଦ୍ଦେଶ କ୍ରମେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଚମ୍ପୁଆ ପୋଲିସ ପକ୍ଷରୁ ବିଭିନ୍ନ ୱାର୍ଡ ଗୁଡ଼ିକରେ ଯେପରି ଶାନ୍ତି, ଶୃଙ୍ଖଳା ଓ ଭାଇଚାରା ସହ ପାଳନ ହେବ ସେ ନେଇ ତିନି ଦିନ ତଳେ ପୋଲିସ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା।


ଯୋଡ଼ା ସହରରେ ପୋଲିସ ଫ୍ଲାଗମାର୍ଚ୍ଚ କରି ଯାଉଛି।

# 'ଜିନିଷ କିଣିବା ବେଳେ ମାନ, ଓଜନ ଯାଞ୍ଚ କରନ୍ତୁ'

## ଖାଉଟି ସଚେତନତା କର୍ମଶାଳା

ଭଦ୍ରକ ଅଫିସ, ୨୯।୩

ଅସାଧୁ ବ୍ୟବସାୟୀମାନେ ବିଭିନ୍ନ ଉପାୟରେ ଖାଉଟିମାନଙ୍କୁ ଠକୁଛନ୍ତି। ଖାଉଟିମାନେ ଦ୍ରବ୍ୟ ଓ ସାମଗ୍ରୀ କିଣିବା ବେଳେ ମାନ ଏବଂ ଓଜନ ଯାଞ୍ଚ କରି ନିଅନ୍ତୁ। ମାଗଣା ଓ ବିଜ୍ଞାପନ ଦ୍ୱାରା ପ୍ରଲୋଭିତ ହୋଇ ଠକାମିର ଶିକାର ନ ହେବାକୁ ଭଦ୍ରକ ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ଖାଉଟି ସଚେତନତା କର୍ମଶାଳାରେ ଓଜନ ମାପ ଅଧିକାରୀ ପ୍ରିୟବ୍ରତ ଜେନା ସଚେତନ କରାଇଛନ୍ତି। ରାଜ୍ୟ ଉପଭୋକ୍ତା ମହିଳା ମହାସଂଘ ପକ୍ଷରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସହାୟତାରେ ଏହି କର୍ମଶାଳା ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା ଏବଂ ଅନ୍ୟତମ ଅତିଥି ଭାବେ ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଖାଉଟି ଅଦାଲତ ସଭାପତି ଶିବ ପ୍ରସାଦ ମହାନ୍ତି, ସଦସ୍ୟ ମଧୁସ୍ମିତା ସ୍ୱାଇଁ, ରାଜ୍ୟ ଉପଭୋକ୍ତା ମହିଳା ମହାସଂଘର ସମ୍ପାଦିକା ବନିତା ସାମଲ ପ୍ରମୁଖ ଯୋଗଦେଇ ଖାଉଟିମାନଙ୍କୁ ସଚେତନ କରାଇଥିଲେ। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଓ ମହିଳା ଗୋଷ୍ଠୀ ସଦସ୍ୟାମାନେ କର୍ମଶାଳାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ବସନ୍ତ ଖିଲାର ଧନ୍ୟବାଦ ପ୍ରଦାନ କରିଥିଲେ। ସୌମ୍ୟ ରଞ୍ଜନ ମଲ୍ଲିକ, ବିଦ୍ୟାଧର ସାହୁ, ସୁଶାନ୍ତ ଜେନା, ବନମାଳୀ ବାରିକ, ଜ୍ୟୋସ୍ନାରାଣୀ ଓଝା, ଶୁଭ୍ରପଲ୍ଲବୀ ଦାଶ, ଶଶିକଳା ରାଉତ, ଲିପ୍ସାରାଣୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ସହାୟିକା ଛଟେଇ ପ୍ରତିବାଦରେ ବିଦ୍ୟାଳୟରେ ତାଲା

## ଦୁଇ ଶିକ୍ଷୟିତ୍ରୀ ଅଟକ

ଭୋଗରାଇ, ୨୯।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କାଉବଣୀ ପ୍ରାଥମିକ ବିଦ୍ୟାଳୟରେ ସହାୟିକା ଛଟେଇ ପ୍ରତିବାଦ ସହ ଏହି ପଦବୀରେ ପୁନଃ ନିଯୁକ୍ତି ଦେବା ଓ ବକେୟା ଦରମା ପ୍ରଦାନ ଦାବି ନେଇ ଗ୍ରାମବାସୀ ବୁଧବାର ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଦୁଇ ସହକାରୀ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମଣ୍ଡଳ ଓ ସରସ୍ୱତୀ ଦେହୁରୀଙ୍କୁ ଅଟକ ରଖି ନାରାବାଜି ପ୍ରଦର୍ଶନ କରିଥିଲେ।

ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟରେ ୨୦ବର୍ଷ ଧରି ଗ୍ରାମର ଅଞ୍ଜଳି ଜେନା ସହାୟିକା ଭାବେ ନିରବିଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କୁ କାର୍ଯ୍ୟରୁ କୌଣସି କାରଣ ନ ଦର୍ଶାଇ ଶିକ୍ଷାବିଭାଗ ହଠାତ୍ ଛଟେଇ କରି ଗ୍ରାମର ଅନ୍ୟ ଜଣେ ମହିଳାଙ୍କୁ ସହାୟିକା ପଦବୀରେ ନିଯୁକ୍ତି ଦେବା ଅଭିଯୋଗ ହେବା ପରେ ଗ୍ରାମରେ ଅସନ୍ତୋଷ ଓ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏଭଳି ସ୍ଥିତିରେ ଗ୍ରାମର ଶତାଧିକ ମହିଳା ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ବିଦ୍ୟାଳୟ ଭିତରକୁ ଧସେଇ ପଶିବା ସହ ବିଦ୍ୟାଳୟ କାର୍ଯ୍ୟାଳୟ ଫାଟକରେ ଅଞ୍ଜଳି ଜେନାଙ୍କୁ ପୁନଃ ନିଯୁକ୍ତି ଦେବା ଏବଂ ୩ ମାସର ବକେୟା ଦରମା ଦେବାକୁ ଦାବି କରି ଅଡି ବସିଥିଲେ। ଗ୍ରାମବାସୀଙ୍କ ଆଗୁଆ ଆନ୍ଦୋଳନ ସୂଚନା ପାଇ ପ୍ରଧାନ ଶିକ୍ଷକ ତଥା ସିଆରସିସି ଅଶୋକ ଦାସ ବିଦ୍ୟାଳୟରେ ଅନୁପସ୍ଥିତ ରହିଥିବା ଗ୍ରାମବାସୀ ପ୍ରକାଶ କରିଥିଲେ। ଗ୍ରାମର ସୀତାରାଣୀ ଦଳାଇ, ସୁଚିତ୍ରା ଦଳାଇ, ବାଦଲ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ହରେନ୍ଦ୍ର କାର୍ତ୍ତିକ ଜେନା ସହ ବାଲେଶ୍ୱର ପାଟିକା ସଂଘର ନେତ୍ରୀ ସସ୍ମିତା ମହାନ୍ତି, ଶିକ୍ଷା ସୁରକ୍ଷା କମିଟି ସଦସ୍ୟ ହରେକୃଷ୍ଣ ଦାସ, ଆସମାନ ରାଜ ପ୍ରମୁଖ ଆନ୍ଦୋଳନରେ ସାମିଲ ହେବା ସହିତ ନ୍ୟାୟୋଚିତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ପ୍ରକାଶ କରିଥିଲେ। ସନ୍ଧ୍ୟାରେ ସିଆରସିସି ଓ ଶିକ୍ଷା ବିଭାଗ କର୍ମଚାରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସାମୟିକ ସ୍ଥଗିତ ରହିଥିଲା।


ବିଦ୍ୟାଳୟ ବାରଣ୍ଡାରେ ଗ୍ରାମର ମହିଳାମାନେ ଧାରଣାରେ ବସିଛନ୍ତି।

## ୨ କରତକଳ ଉପରେ ଚଢ଼ାଉ

ସିମୁଳିଆ,(ଡି.ଏନ.ଏ.)- ବାଲେଶ୍ୱର ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ବୁଧବାର ସକାଳେ ଔପଦା ରେଞ୍ଜର ବବିତା ସରେନ ଓ ଫରେଷ୍ଟର ଟିମ୍ ସିମୁଳିଆ ବ୍ଲକର ବଣା ଓ ଚୁଡୁଙ୍ଗା ଅଞ୍ଚଳର ଦୁଇଟି କରତ କଳ ଉପରେ ଚଢ଼ାଉ କରିଥିଲେ। ବନ ବିଭାଗ ଚଢ଼ାଉ ପୂର୍ବରୁ ଦୁଇଟି କରତକଳର ମେଶିନ ସମେତ ବିଭିନ୍ନ ଯନ୍ତ୍ରାଂଶକୁ କରତକଳର କର୍ମଚାରୀମାନେ ଖୋଲି ନେଇଥିଲେ। ଘଟଣାସ୍ଥଳରେ ବନ ବିଭାଗୀୟ ଅଧିକାରୀମାନେ ପହଞ୍ଚି ବଣାରୁ ୧ ଟ୍ରିପ୍ ଓ ଚୁଡୁଙ୍ଗାରୁ ୨ ଟ୍ରିପ୍ କାଠ ଜବତ କରି ନେଇଯାଇଥିଲେ।

## ସଂକ୍ଷେପରେ

### ଜାତୀୟ ହୁଇଲଚେୟାର ଫେନ୍ସିଂ ରାଖାଲଙ୍କୁ ୫ ପଦକ




ଭଣ୍ଡାରିପୋଖରୀ,୨୯।୩ (ସ୍ୱ.ପ୍ର.)- ହରିୟାଣାର କର୍ନାଲଠାରେ ଅନୁଷ୍ଠିତ ୧୫ତମ ଜାତୀୟ ହୁଇଲଚେୟାର ଫେନ୍ସିଂରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ତେସିଙ୍ଗା ପଞ୍ଚାୟତର ରାଖାଲ ସେଠି ୫ ପଦକ ହାସଲ କରିଛନ୍ତି। ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ତାଙ୍କୁ ମିଳିଛି। ତାଙ୍କର ଏହି ସଫଳତା କେବଳ ଭଦ୍ରକ ଜିଲା ନୁହେଁ, ଓଡ଼ିଶା ପାଇଁ ଗୌରବ ଆଣିଛି।

ତେସିଙ୍ଗା ପଞ୍ଚାୟତର ବୃନ୍ଦାବନ ସେଠି ଓ ସୁମିତ୍ରା ସେଠିଙ୍କ ପୁଅ ରାଖାଲ। ୨୦୦୫ରେ ଭୁବନେଶ୍ୱରରେ ଏକ ଦୋକାନରେ ଚାକିରି ପାଇଁ ପହଞ୍ଚିଥିବା ରାଖାଲ ପରେ ନିଜେ ଲକ୍ଷ୍ମୀସାଗରଠାରେ ଏକ ଚା’ ଦୋକାନ କରିଥିଲେ। ୨୦୧୦ରେ ତାଙ୍କର ହଠାତ୍ ହୁଇଲଚେୟାର ଫେନ୍ସିଂ ପ୍ରତି ଆଗ୍ରହ ହୋଇଥିଲା ଓ ତା’ପରେ ସେ ପ୍ରଶିକ୍ଷଣ ନେଇଥିଲେ। ଏହି ୫ ପଦକକୁ ମିଶାଇ ସେ ମୋଟ ୪୩ଟି ପଦକ ପାଇଛନ୍ତି।

### ଛପର ଉଡ଼ିଲା, ଗଛ ଭାଙ୍ଗିଲା
#### ଗୋପବନ୍ଧୁ ନଗରରେ କାଳବୈଶାଖୀ

ଗୋପବନ୍ଧୁ ନଗର, ୨୯।୩ (ଡି.ଏନ.ଏ.)- କାଳ ବୈଶାଖୀ ପ୍ରଭାବରେ ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଚିଲିମା ଗ୍ରାମର ଅନ୍ତର୍ଯ୍ୟାମୀ ମହାନ୍ତି, ନୀଳାମ୍ବର ପାତ୍ର, ମହେନ୍ଦ୍ର ବେହେରା ପ୍ରମୁଖଙ୍କ ଘରର ଛପର ଉଡିଯିବା ସହ ଘର ମଧରେ ଥିବା ଆସବାବପତ୍ର ନଷ୍ଟ ହୋଇଛି। ଗ୍ରାମ ନିକଟସ୍ଥ ଜଙ୍ଗଲରେ ବହୁ ମୂଲ୍ୟବାନ ଗଛ ଉପୁଡ଼ି ପଡ଼ିଛି। ପବନ ଯୋଗୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ପରିବା ଚାଷ ନଷ୍ଟ ହୋଇଛି। ବାସନ୍ତୀ ଦୁର୍ଗା ପୂଜା ନିମନ୍ତେ ଜୟପୁର ପଞ୍ଚାୟତ ସ୍ଥିତ ଶ୍ରୀନାଥ ପୁର ଓ ବଉଳ ଶାସନରେ ନିର୍ମିତ ପୂଜା ତୋରଣ ଭାଙ୍ଗିରୁଜି ଯାଇଛି। ଖବର ପାଇ କୁଆମରା ରାଜସ୍ୱ ନିରୀକ୍ଷକ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି।

### ନାବାଳିକାଙ୍କ ମୃତଦେହ ଜବତ

ମୋରଡ଼ା,୨୯।୩(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଖୁଣ୍ଟାପାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ମଙ୍ଗଳବାର ଜଣେ ନାବାଳିକାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ବସ୍ତା ଥାନା ଅଞ୍ଚଳର ଉକ୍ତ ନାବାଳିକା ଜଣକ କିଛି ମାସ ହେବ ମୋରଡ଼ା ଥାନା ଅନ୍ତର୍ଗତ ଖୁଣ୍ଟାପାଳ ଗ୍ରାମ ସ୍ଥିତ ଅଜା ଘରେ ରହୁଥିଲେ। ମଙ୍ଗଳବାର ଘରେ କେହି ନ ଥିବା ବେଳେ କେବଳ ନାବାଳିକା ଜଣକ ଥିଲେ। ଅଜା ଘର ଲୋକେ ଆସି ଦେଖିବା ବେଳକୁ ନାବାଳିକାଙ୍କ ମୃତଦେହ ଘର ଭିତରେ ଝୁଲୁଥିଲା। ଖବର ପାଇ ମୋରଡା ଥାନା ଏଏସ୍‌ଆଇ ମଞ୍ଜୁଲତା ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରଛନ୍ତି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି।

### ଭାରତ ସ୍କାଉଟ ଓ ଗାଇଡ୍‌ର ରେନ୍‌ବୋ କ୍ୟାମ୍ପ
### କେନ୍ଦୁଝର ଛାତ୍ରୀଛାତ୍ରଙ୍କ କୃତିତ୍ୱ

କେନ୍ଦୁଝର, ୨୯।୩ (ସ୍ୱ.ପ୍ର.): ଭାରତ ସ୍କାଉଟ ଓ ଗାଇଡ୍ ଓଡ଼ିଶା ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଶିବିର (ରେନବୋ କ୍ୟାମ୍ପ)ରେ କେନ୍ଦୁଝର ଜିଲାର ଛାତ୍ରୀଛାତ୍ରମାନେ କୃତିତ୍ୱ ଅର୍ଜନ କରିଛନ୍ତି। କ୍ୟାମ୍ପରେ ଜିଲାର ଏସ୍‌ଟିଏସ୍‌ସି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ବିଦ୍ୟାଳୟର ୧୦ ଜଣ ସ୍କାଉଟ ଓ ୨୧ ଜଣ ଗାଇଡ୍ ଯୋଗଦେଇ ବିଭିନ୍ନ ବିଭାଗରେ ସଫଳତା ଲାଭ କରିଛନ୍ତି। ଦଳଗତ ନୃତ୍ୟ ପରିବେଷଣରେ ରାଜ୍ୟରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ବେଳେ ଅନ୍ୟମାନଙ୍କୁ ହସାଇବା (ମେକିଙ୍ଗ ଅଦର ଲାଫ) ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ରଂଗୋଲି ବିଭାଗରେ ସ୍ୱର୍ଣ୍ଣ, ପେପର କ୍ରାଫ୍ଟ, କ୍ୟାଟ ୱାକ, ସୋସିଆଲ ୱାର୍କ ଏବଂ ଶୃଙ୍ଖଳା ବିଭାଗରେ ରୌପ୍ୟ ପଦକ ହାସଲ କରି ଜିଲାକୁ ଗୌରବାନ୍ୱିତ କରିଛନ୍ତି। ଶିବିରର ମାର୍ଗଦର୍ଶୀ ଭାବେ ସ୍କାଉଟ୍ ମାଷ୍ଟର ଚିନ୍ତାମଣୀ ପାତ୍ର ଓ ଗାଇଡ କ୍ୟାପଟେନ ଭାବେ ସ୍ନିଗ୍ଧାରାଣୀ ବେହେରା ଯୋଗଦେଇ ପରିଚାଳନା କରିଥିଲେ। ଏଭଳି କୃତୀକୁ ନେଇ ପ୍ରଶାସନ ପକ୍ଷରୁ ସାଧୁବାଦ ଜଣାଯାଇଛି।

# ୨ ଘଣ୍ଟା ଅଟକିଲା ସୁପରଫାଷ୍ଟ ଟ୍ରେନ୍

ବାରିପଦା ଅଫିସ/ ବେତନଟୀ,୨୯।୩(ଡି.ଏନ.ଏ.)


ଗ୍ରାମବାସୀ ଟ୍ରେନ ଅଟକ ରଖିଛନ୍ତି।

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଏସ୍‌ଏସ୍ ମହୁଲିଆରେ ରେଳ ଫାଟକ ବନ୍ଦକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସମସ୍ୟାର ସମାଧାନ ପାଇଁ ଶତାଧିକ ଗ୍ରାମବାସୀ ଓ ଛାତ୍ରୀଛାତ୍ରମାନେ ବୁଧବାର ସକାଳୁ ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନକୁ ଅଟକ ରଖିଥିଲେ। ଖବରପାଇ ବେତନଟୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବାର ପ୍ରତିଶ୍ରୁତି ଦେବାରୁ ୨ଘଣ୍ଟା ବିଳମ୍ବରେ ଟ୍ରେନ ଚଳାଚଳ କରିଥିଲା।

ସୂଚନାଯୋଗ୍ୟ, ବେତନଟୀ ଇନ୍ଦିରାନଗର ଦେଇ ଆଖପାଖ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାକୁ ରେଳ ବିଭାଗ ବନ୍ଦ କରିଥିଲା। ଏହା ଦ୍ୱାରା ଗ୍ରାମର ଲୋକମାନେ ବହୁ ହଇରାଣ ହରକତ ହେଉଥିବା ବେଳେ ଛାତ୍ରୀଛାତ୍ରମାନେ ପାଠପଢ଼ିବାକୁ ଯିବାଆସିବାରେ ଅସୁବିଧା ପରିଲକ୍ଷିତ ହୋଇଥିଲା। ଏହାକୁ ନେଇ ଗ୍ରାମର ଲୋକେ ବିଭାଗୀୟ ଅଧିକାରୀଙ୍କୁ ରାସ୍ତା ଖୋଲିବା କିମ୍ବା ଓଭରବ୍ରିଜ ନିର୍ମାଣ କରିବାକୁ ବାରମ୍ବାର ଦାବି ହୋଇଆସୁଥିଲେ। ମାତ୍ର ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଏହାକୁନେଇ ଉତ୍ୟକ୍ତ ଲୋକେ ଟ୍ରେନକୁ ଅଟକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ପୁଣି ଟ୍ରେନ ଅଟକ ରଖାଯିବ ବୋଲି ଗ୍ରାମବାସୀ ସାଲଗେ ମଣି କିସ୍କୁ, ସୁଚିତ୍ରା ସ୍ୱାଇଁ, ସାମରାୟ ହେମ୍ବ୍ରମ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ପୁରାତନ ସଂସ୍କୃତିକୁ ଲୋକଲୋଚନକୁ ଆଣିଥାଏ ଚିତ୍ରକଳା

### କାନଭାସ ଚିତ୍ରକଳା ପ୍ରତିଯୋଗିତା

ବାଲେଶ୍ୱର ଅଫିସ, ୨୯।୩



ଚିତ୍ରକଳା ପ୍ରତିଯୋଗିତାରେ ଅତିଥିଗଣ।

ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସରରେ ଓଡ଼ିଶା ଦିବସ ଉପଲକ୍ଷେ ଜିଲାସ୍ତରୀୟ କାନଭାସ ଚିତ୍ର ପ୍ରତିଯୋଗିତା ଜିଲା ପ୍ରଶାସନ ଏବଂ ଜିଲା ସଂସ୍କୃତି ପରିଷଦ ଦ୍ୱାରା ବୁଧବାର ଆୟୋଜନ କରାଯାଇଥିଲା।

ମୁଖ୍ୟଅତିଥି ଭାବେ ବାଲେଶ୍ୱର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଚିତ୍ରକଳା ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଏହାର ଉଦ୍ଦେଶ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ଜଣାଇଥିଲେ। କଳା ସମାଜ ପରିବର୍ତ୍ତନର ଏକ ମାଧ୍ୟମ ଓ ପୁରାତନ ସଂସ୍କୃତିକୁ ଲୋକଲୋଚନକୁ ଆଣିବାରେ ଚିତ୍ରକଳାର ଭୂମିକା ଅତୁଳନୀୟ ଅଟେ। ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ଜଗନ୍ନାଥ ବେହେରା ଏହି ପ୍ରତିଯୋଗିତାରେ ଫକୀରମୋହନଙ୍କ ଗଳ୍ପ ଓ କବିତାକୁ ନେଇ ଚିତ୍ର ମାଧ୍ୟମରେ ପରିପ୍ରକାଶ କରିବା ସହିତ ଫକୀରମୋହନଙ୍କ ଚିତ୍ର ମଧ୍ୟ ଅଙ୍କନ କରି ନିଜର କଳାକୁ ସର୍ବସାଧାରଣରେ ପହଞ୍ଚାଇବାର ମାଧ୍ୟମ ଭାବରେ ଜିଲା ସଂସ୍କୃତି ପରିଷଦର ଏକ ପ୍ରୟାସ ବୋଲି କହିଥିଲେ। ସସ୍ମିତା ଗାରୁ ଅତିଥି ଭାବେ ଯୋଗଦେଇଥିଲେ। ଅଧକ୍ଷ ନିକୁଞ୍ଜ ବିହାରି ଦାସ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦର ଏଭଳି ପ୍ରୟାସ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧରେ କଳା ପ୍ରତି ଆଗ୍ରହର ଉତ୍ସ ହୋଇପାରିବ ବୋଲି କହିଥିଲେ। ଉକ୍ତ ପ୍ରତିଯୋଗିତାରେ ଯୋଗଦେଇଥିବା ୨୧ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶ୍ରେଷ୍ଠ ୩ଜଣଙ୍କୁ ପୁରସ୍କାର ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ଚିତ୍ରଗୁଡ଼ିକ ବାଲେଶ୍ୱରର ଶାନ୍ତିକାନନଠାରେ ଥିବା ଗ୍ୟାଲେରୀରେ ପ୍ରଦର୍ଶନୀ କରାଯିବ।

## ହରିଣର ମୃତଦେହ ଠାବ

ସିମୁଳିଆ, ୨୯।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ସୋମନାଥପୁର ନଈକୂଳ ନିକଟରୁ ବୁଧବାର ଏକ ହରିଣର ମୃତଦେହକୁ ବନବିଭାଗ ଉଦ୍ଧାର କରିଛି। ଗତ ଦୁଇଦିନ ପୂର୍ବେ ସୋମନାଥପୁର ଅଞ୍ଚଳର ନିକଟବର୍ତ୍ତୀ ଭଦ୍ରକ ଜିଲାର ବାସୁଆପଦା ଅଞ୍ଚଳରେ ୩ଟି ହରିଣ ବୁଲୁଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ତେବେ ପ୍ରାୟ ୪୦ କି.ମି. ଦୂର ପାହାଡ଼ ଜଙ୍ଗଲରୁ ବାଟ ହୁଡି ଏହି ହରିଣ ଏଠାକୁ ଆସିଥାଇପାରନ୍ତି ବୋଲି କୁହାଯାଇଛି।

### ପରିବହନ ବିଭାଗ, ପୋଲିସ ମିଳିତ ଚଢ଼ାଉ
## ଧରାପଡ଼ିଲେ ୮ ନାବାଳକ

କେନ୍ଦୁଝର,୨୯।୩(ସ୍ୱ.ପ୍ର.)

ପରିବହନ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ ଏବଂ ପୋଲିସ ମିଳିତ ସହଯୋଗରେ ରାଜ୍ୟରେ ଏପ୍ରିଲ ୧ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ସହନଶୀଳକୁ ନେଇ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। ଏନେଇ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ଯାଞ୍ଚ କଡ଼ାକଡ଼ି ହେଉଛି। ପ୍ରଥମ ଦିନରେ ୮ ଜଣ ନାବାଳକ ଚାଳକ ଧରାପଡ଼ିଛନ୍ତି। କେନ୍ଦୁଝର ସହରରେ ୩ ଏବଂ ବଡ଼ବିଲରେ ୫ ଜଣ ନାବାଳକଙ୍କ ଗାଡି ଜବତ୍ କରାଯାଇ ମାଲିକଙ୍କ ନାମରେ କେଶ କରାଯାଇଛି। ଗାଡ଼ି ମାଲିକଙ୍କ ନାମରେ ୨୫ ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟ ପାଇଁ ଚାଲଣ କଟାଯାଇଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଇଂ ଗୋପାଳ କୃଷ୍ଣ ଦାସ ସୂଚନା ଦେଇଛନ୍ତି। ଏଥିସହ କେନ୍ଦୁଝର ସହରର ଗାନ୍ଧୀ ଛକ ନିକଟରେ ବିନା ହେଲମେଟ୍‌ରେ ଜଣେ ବାଇକ ଚାଳକ ନମ୍ବର ପ୍ଲେଟ୍ ଉପରେ କପଡ଼ା ଦେଇ ଯାଉଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଏ ନେଇ ପୋଲିସ ଗାଡି ଜବତ୍ କରି ପରିବହନ ବିଭାଗକୁ ହସ୍ତାନ୍ତର କରିବା ପରେ ୬ ହଜାର ଟଙ୍କା ଚାଲାଣ କଟାଯାଇଛି।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସ କର୍ମକର୍ତ୍ତା।

କେନ୍ଦୁଝର,୨୯।୩(ସ୍ୱ.ପ୍ର./ଡି.ଏନ୍.ଏ)

ରାହୁଲ ଗାନ୍ଧୀଙ୍କ ସଦସ୍ୟତା ପଦ ରଦ୍ଦ ବିରୋଧରେ କେନ୍ଦୁଝର ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରାରେ କଂଗ୍ରେସ କର୍ମୀମାନେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଚିତ୍ରରେ ନିଆଁ ଲଗାଇ ବିରୋଧୀ ସ୍ଲୋଗାନ ଦେଇଥିଲେ। ଏଥିରେ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜିଲ୍ଲା କଂଗ୍ରେସ ଉପସଭାପତି ବସନ୍ତ ଦାସ, ପାଟଣା କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାୟକ, କଂଗ୍ରେସ ସେବା ଦଳ ଅଧକ୍ଷ ବୀରବର ମହାନ୍ତ, ସୋସିଆଲ ମିଡ଼ିଆ ସଂଯୋଜକ ସୁଢ଼ଳ ସେଠୀ, ବ୍ଲକ୍ ସଭାପତି ପ୍ରଭାକର ନାୟକ, ଉତ୍ତମ ସାହୁ, ମୁକୁନ୍ଦ ଚରଣ ମହାନ୍ତ, କଂଗ୍ରେସ ନେତା ଲଳିତ ମୋହନ ନାୟକ, ରତ୍ନାକର ଜେନା, ମନୋରଞ୍ଜନ ରାଉତ, ଦିଲ୍ଲୀପ ସାହୁ, ବିଶ୍ୱନାଥ ବେଜ, ନିମାଇଁ ମାର୍ଣ୍ଡି, ଆର୍ତ୍ତତ୍ରାଣ ଦାସ, ଜଗଦିଶ ପରିଡ଼ା, ଜେମାମଣି ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

## ଶ୍ରୀରାମ ଚେତନା ଜାଗରଣ ସଂଘ ପକ୍ଷରୁ ବାଇକ୍ ରାଲି

ବାଲେଶ୍ୱର ଅଫିସ, ୨୯।୩


ରାମ ନବମୀ ଲାଗି ବାହାରିଥିବା ବାଇକ ଶୋଭାଯାତ୍ରା।

ରାମନବମୀ ଉପଲକ୍ଷେ ଶ୍ରୀରାମ ଚେତନତା ଜାଗରଣ ସଂଘ ପକ୍ଷରୁ ଗୁରୁବାର ବିଶାଳ ପଦଯାତ୍ରା ଆୟୋଜନ ହେବ। ଏହା ପୂର୍ବରୁ ବୁଧବାର ଅପରାହ୍ନରେ ଏକ ବାଇକ ରାଲି ବାଲେଶ୍ୱର ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଛି।

ଜାଗରଣ ସଂଘର କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ରାଲି ଶୁଭାରମ୍ଭ ବେଳେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ପହଞ୍ଚି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଉପସ୍ଥିତ ରହି ରାଲିର ପରିଚାଳନା ବାବଦରେ ପୋଲିସ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ଜାଗରଣ ସଂଘର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବାଇକ ରାଲି ଭଳି ରାମନବମୀ ପଦଯାତ୍ରା ମଧ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ହେବ ବୋଲି ଆଶା ପ୍ରକାଶ କରିଥିଲେ। ହଜାର ହଜାର ବାଇକ ଆରୋହୀଙ୍କ ନେଇ ଆୟୋଜିତ ରାଲି ସ୍ଥାନୀୟ ପରିମିଟ୍ ପଡ଼ିଆରୁ ବାହାରି ସିନେମାଛକ, ଟାଉନହଲ, ମିର୍ଜାପୋଖରୀ, ମାଣିଖମ୍ବ, ବାରବାଟୀ, ଦମୋଦରପୁର, ବଡ଼ାପୋଲ, ଗୋଳାପୋଖରୀ, ପରମିଟଘାଟ, ପୁରୁଣାବାଲେଶ୍ୱର, ଗବଗାଁ, ପାତ୍ରପଡ଼ା, ବଙ୍କାଖେଜୁର ହେମକାପଦା, ମାନସିଂବଜାର, ଆଇଟିଆଇ ଛକ, ଷ୍ଟେସନଛକ, ଫକୀର ମୋହନ ଗୋଲେଇ, ଓଭରବ୍ରିଜ, ସହଦେବଖୁଣ୍ଟା, ଭାସ୍କରଗଞ୍ଜ. ମାଲଗୋଦାମ, ଆନନ୍ଦବଜାର, ଗଳାପୋଲ, ଦର୍ଜିପୋଖରୀ, ରାଣୀପାଟଣା, ଏଡିଏମ ଛକ, ପଢୁଆଁପଦା, ଆଜିମାବାଦ ଓ କଲେଜଛକ ଦେଇ ପୁଣି ପରମିଟ ପଡ଼ିଆରେ ପହଞ୍ଚିଥିଲା।

ଗୁରୁବାର ସହରରେ ହେବାକୁ ଥିବା ରାମନବମୀ ପଦଯାତ୍ରା ପାଇଁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସେକ୍ଟରରେ ରାପିଡ଼ ଆକ୍ସନ ଫୋର୍ସ ସହିତ ୧୫ ପ୍ଲାଟୁନ ପୋଲିସ ବାହିନୀଙ୍କୁ ନିୟୋଜିତ କରାଯାଇଛି। ଅପରପକ୍ଷରେ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ପଦଯାତ୍ରାର ବିଭିନ୍ନ ଘଟଣାକୁ ମଧ ନଜର ରଖାଯିବ ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ସରୋଜ


@ତୁଷାର


@ପ୍ରିୟଙ୍କା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ‘ରେଲୱେ ପରିସରରେ ଥିବା ସ୍କୁଲକୁ ଜମି ଯୋଗାଯାଉ’


ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭଦ୍ରକ ଅଫିସ, ୨୯।୩

### ରେଳମନ୍ତ୍ରୀଙ୍କ ନିକଟରେ ଦାବି କଲେ ଏମ୍‌ପି

ଭଦ୍ରକ ଚରମ୍ପା ଷ୍ଟେଶନ ରେଲୱେ କଲୋନୀ ପରିସରରେ ୧୯୫୫ରେ ସ୍ଥାପିତ ଗୋପବନ୍ଧୁ ନୋଡାଲ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଜମି ଯୋଗାଇଦେବା ସହ ଗୃହ ନିର୍ମାଣ ପାଇଁ ଏମ୍‌ପି ମଞ୍ଜୁଲତା ମଣ୍ଡଳ ରେଳମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଏହି ବିଦ୍ୟାଳୟ ରେଲୱେ ପରିସରରେ ଥିବାବେଳେ ଶିକ୍ଷକ ନିଯୁକ୍ତିଠାରୁ ଆରମ୍ଭ କରି ସମସ୍ତ ଖର୍ଚ୍ଚ ଓଡ଼ିଶା ସରକାର ବହନ କରୁଛନ୍ତି। ଏବେ ରେଳ ଷ୍ଟେଶନ ସମ୍ପ୍ରସାରଣ ଯୋଗୁ ବିଦ୍ୟାଳୟ ସ୍ଥାନାନ୍ତର କରାଯିବ। କିନ୍ତୁ ବିକଳ୍ପ ଜମି ଯୋଗାଡ଼ ହୋଇ ନ ଥିବାରୁ ବିଦ୍ୟାଳୟ କେଉଁଠିକୁ ସ୍ଥାନାନ୍ତର କରାଯିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ବିଦ୍ୟାଳୟର ସ୍ଥାୟିତ୍ୱ ପାଇଁ ଆବଶ୍ୟକ ଜମି ଯୋଗାଇ ଦେବାକୁ ସେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା: ସ୍ୱାମୀ ଥାନାରେ ଅଟକ

### ସାଇଣ୍ଟିଫିକ ଟିମ୍‌ର ତଦନ୍ତ

ବାସୁଦେବପୁର,୨୯।୩(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନୂଆଗାଁ ଗ୍ରାମର ଅନିମା ସେଠୀ(୨୯)ଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ପୋଲିସ ମୃତ ଅନିମାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅନିମାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ବାପା ବୀଣାଦଣ୍ଡା ଗ୍ରାମର ଖଗେଶ୍ୱର ସେଠୀ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୬୭/୨୩) ରୁଜୁ କରିଛି। ବୁଧବାର ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଛି। ଟିମ୍ ଅଧିକାରୀ ସଙ୍ଗୀତା ହାଁସଦା ଓ ବାସୁଦେବପୁର ଥାନାଧିକାରୀ ସାବିତ୍ରୀ ପଣ୍ଡା ନୂଆଗାଁ ଗ୍ରାମରେ ମୃତକଙ୍କ ଘରେ ପହଞ୍ଚି ଅନୁସନ୍ଧାନ କରିଛନ୍ତି। ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ପଣ୍ଡା କହିଛନ୍ତି।

